**ଘରୁ ଚିତି ସାପ ଉଦ୍ଧାର**

ବଇଣ୍ଡା, (ପରିକ୍ଷିତ ସାହୁ): କିଶୋରନଗର ବ୍ଲକ ହଣ୍ଡପା ଗ୍ରାମର ମିଲୁ ସାହୁଙ୍କ ଘରୁ ଏକ ଚିତି ସାପ ରବିବାର ଉଦ୍ଧାର କରାଯାଇଛି। ଘର ଭିତରକୁ ସାପ ପଶିଯିବା ପରିବାର ଲୋକେ ଦେଖି ଭୟରେ ବାହାରକୁ ପଳାଇ ଆସିଥିଲେ। ଖବରପାଇ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥ ପହଞ୍ଚି ସାପଟିକୁ ଉଦ୍ଧାର କରି ହଣ୍ଡପା ବନ ବିଭାଗ ଜରିଆରେ ଜଙ୍ଗଲରେ ଛାଡ଼ି ଦେଇଥିଲେ।



# ସାଉଥବଲଣ୍ଡାରେ ରାବଣ ପୋଡ଼ି ମହୋତ୍ସବ




ତାଳଚେର,୧୪।୧୦(ମନୋଜ ନନ୍ଦ)

ପବିତ୍ର ବିଜୟା ଦଶମୀ ପାଳନ ଅବସରରେ ତାଳଚେର ବ୍ଲକ ସାଉଥବଲଣ୍ଡା ଶିବ ମନ୍ଦିର ପଡ଼ିଆରେ ୧୩ତମ ରାବଣ ପୋଡ଼ି ମହୋତ୍ସବ ପାଳିତ ହୋଇଯାଇଛି। ରାବଣ ପୋଡି ଅନୁଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ସଦସ୍ୟ ରାଜେନ୍ଦ୍ର କୁମାର ସିଂହ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ଡ. ମୃଦୁଳା ଠାକୁର ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବରେ ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମ ସ୍ୱାଧୀନ ନିର୍ଦ୍ଦେଶକ ତଥା ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଭୁବନେଶ୍ୱରୀ କ୍ଷେତ୍ର ମହାପ୍ରବନ୍ଧକ ଅଜୟ ସିଂହ, ଭରତପୁର କ୍ଷେତ୍ର ମହାପ୍ରବନ୍ଧକ ଦିବ୍ୟଜୀବନ ସିଂହ, ଲିଙ୍ଗରାଜ କ୍ଷେତ୍ର ମହାପ୍ରବନ୍ଧକ ସୁବ୍ରତ ବିଶ୍ୱାଳ, କେନ୍ଦ୍ରୀୟ କର୍ମଶାଳାର ମହାପ୍ରବନ୍ଧକ ଏମ୍. ପି. ଚୌଧୁରୀ, ତାଳଚେର କୋଇଲା ଖଣି ମଜଦୁର ସଂଘ ଉପାଧ୍ୟକ୍ଷ ଅରୁଣ କୁମାର ପ୍ରଧାନ, ସାଧାରଣ ସମ୍ପାଦକ ବୀରେନ ଖିଲାର, ସମ୍ପାଦକ ରଞ୍ଜନ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଉତ୍ସବ ଦେଖିବା ପାଇଁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା। ଭିଡ଼ ନିୟନ୍ତ୍ରଣ କରିବା ପାଇଁ ସ୍ଥାନୀୟ ପୋଲିସ, ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମୁଖ୍ୟ ଅତିଥି ଠାକୁର ରାବଣ ପୁତ୍ତଳିକାରେ ଅଗ୍ନି ସଂଯୋଗ କରିଥିଲେ। ସଞ୍ଜୀବ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ତାଳଚେର କୋଇଲା ଖଣି ମଜଦୁର୍ ସଂଘର ବରିଷ୍ଠ କର୍ମକର୍ତ୍ତାଙ୍କ ସମେତ ରାବଣପୋଡି ଅନୁଷ୍ଠାନର ବହୁ ସଦସ୍ୟ ସହଯୋଗ କରିଥିଲେ।

## ଖଣ୍ଡାରେ ହାଣି ୭ ହଜାର ଟଙ୍କା ଲୁଟ୍

ଖମାର,୧୪।୧୦ (ରଜନୀକାନ୍ତ ମହାରଣା)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଖମାର ଥାନା ଚୁରଘଟି ରାସ୍ତାରେ ଏକ କୋରିଅର ସଂସ୍ଥାର କର୍ମଚାରୀଙ୍କୁ ଖଣ୍ଡାରେ ହାଣି ୭ ହଜାର ଟଙ୍କା ଓ ମୋବାଇଲ ଲୁଟ୍ କରାଯାଇଛି। ସୂଚନା ଅନୁଯାୟୀ, ଉକ୍ତ କୋରିଅର ସଂସ୍ଥାର କର୍ମଚାରୀ ପାର୍ଶଲ ଦେଇ ଖମାରରୁ ତେଲକୋଇ ଅଭିମୁଖେ ଯାଉଥିବା ସମୟରେ ଚୁରଘଟି ଠାରେ କେତେଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଆକ୍ରମଣ କରିଥିଲେ। ଏହାପରେ ତାଙ୍କ ନିକଟରେ ଥିବା ୭ ହଜାର ଟଙ୍କା ଓ ମୋବାଇଲ ନେଇ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ କହିଛନ୍ତି, ଅଭିଯୋଗ ପରେ ଘଟଣାସ୍ଥଳକୁ ପୋଲିସ ଯାଇଥିଲା। ନଂ. ୨୩୨/୨୪ରେ ମାମଲା ରୁଜୁ କରାଯାଇଛି। ଅପରପକ୍ଷରେ କିଛି ଦିନ ହେବ ଖମାର ଥାନା ଅଞ୍ଚଳରେ ଲଗାତର ଚୋରି, ଲୁଟ୍ ଘଟଣା ଘଟୁଥିବାରୁ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବାକୁ ଦାବି କରାଯାଉଛି।

# ଏନ୍‌ଟିପିସି କଣିହାଁ ପକ୍ଷରୁ ରାବଣ ପୋଡ଼ି



ତାଳଚେର,୧୪।୧୦ (ମନୋଜ ନନ୍ଦ)

ଏନ୍‌ଟିପିସି କଣିହାଁ ପକ୍ଷରୁ ଟାଉନଶିପ୍ ଗ୍ରାଉଣ୍ଡରେ ଦଶହରା ଉତ୍ସବ ଓ ରାବଣପୋଡ଼ି ଆୟୋଜନ କରାଯାଇଥିଲା। ଏଥିରେ ସ୍ଥାନୀୟ ଗ୍ରାମାଞ୍ଚଳରୁ ବହୁ ସଂଖ୍ୟକ ଲୋକ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଲୋକମାନଙ୍କୁ ଏକ ସ୍ମରଣୀୟ ଅନୁଭୂତି ପ୍ରଦାନ କରିଥିଲା। ଏହି ଅବସରରେ ଚମତ୍କାର ଆତସବାଜି ପ୍ରଦର୍ଶନ କରାଯାଇଥିଲା। ସ୍ଥାନୀୟ ବାସିନ୍ଦାଙ୍କ ସହିତ ଏନ୍‌ଟିପିସି କଣିହାଁ କର୍ମଚାରୀ ଏବଂ ସେମାନଙ୍କ ପରିବାର ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଏନ୍‌ଟିପିସି କଣିହାଁ ପ୍ରକଳ୍ପ ମୁଖ୍ୟ ଅଶୋକ କୁମାର ସେହଗଲ କହିଥିଲେ, ଏହି ଉତ୍ସବ ମନ୍ଦ ଉପରେ ଭଲର ବିଜୟର ପ୍ରତୀକ। ଏହା ସମସ୍ତଙ୍କୁ ମନ୍ଦ ତ୍ୟାଗ କରିବା ଏବଂ ଧାର୍ମିକ ପଥରେ ଯିବା ପାଇଁ ପ୍ରେରଣା ଯୋଗାଇଥାଏ। ଏହି ଦଶହରା ଉତ୍ସବ ମାଧ୍ୟମରେ ଏନ୍‌ଟିପିସି କଣିହାଁ ଏହାର ସାମାଜିକ ଦାୟିତ୍ୱ ଏବଂ ସ୍ଥାନୀୟ ଲୋକମାନଙ୍କ ପ୍ରତି ଉତ୍ସର୍ଗୀକୃତ ପ୍ରଦର୍ଶନ ପରିପ୍ରକାଶ କରିଛି।

# ପାଲଲହଡ଼ାରେ ମା' ଦୁର୍ଗାଙ୍କ ପୂଜା



ପାଲଲହଡ଼ା,୧୪।୧୦ (ଦିବ୍ୟଜ୍ୟୋତି ଦାଶ)

ସ୍‌ପାଲଲହଡ଼ା ଉପଖଣ୍ଡ ବସ୍‌ଷ୍ଟାଣ୍ଡଠାରେ ମା' ଦୁର୍ଗା ଡ୍ରାଇଭର ସଂଘ ପକ୍ଷରୁ ଦୁର୍ଗା ପୂଜା ପାଳିତ ହୋଇଯାଇଛି। ପାଲଲହଡ଼ା ସଦରମହକୁମା ଠାରେ ମା' ଦଶଭୁଜାଙ୍କ ଏହା ଏକମାତ୍ର ପୂଜା ମଣ୍ଡପ ହୋଇଥିବାରୁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସାଜସଜ୍ଜା ସାଙ୍ଗକୁ ଷୋଡ଼ଶ ଉପଚାରରେ ମା'ଙ୍କ ପୂଜା ହୋଇଥିଲା। ବିଜୟା ଦଶମୀ ଅବସରରେ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା। ହଜାର ହଜାର ଭକ୍ତ ମା'ଙ୍କ ଦର୍ଶନ କରିବା ସହିତ ରାବଣପୋଡ଼ିର ଦର୍ଶନ କରିଥିଲେ। ଓମ ପ୍ରକାଶ ଦ୍ୱିବେଦୀ ମୁଖ୍ୟ ପୂଜକ ଭାବରେ ମା' ଦୁର୍ଗାଙ୍କ ପୂଜାର୍ଚ୍ଚନା କରିଥିବା ବେଳେ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ରୁପା ପାଲିଙ୍କିରେ ମଣ୍ଡପକୁ ଗଲେ ମାହେଶ୍ୱରୀ

ଆଠମଲ୍ଲିକ,୧୪।୧୦(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକର ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀଙ୍କ ଷୋଡଶ ଉପଚାର ପୂଜା, ପବିତ୍ର ବିଜୟା ଦଶମୀ ଓ ଦଶହରା ଯାତ୍ରା ଧୂମ୍‌ଧାମରେ ପାଳିତ ହୋଇଯାଇଛି। ୧୬ଦିନ ଧରି ହେଉଥିବା ଏହି ପୂଜାରେ ଦେବୋତ୍ତର ପୁରୋହିତ ପ୍ରଫୁଲ୍ଲ ପାଣିଗ୍ରାହୀ ଓ ସମସ୍ତ ସେବାୟତ ସହଯୋଗ କରିଥିଲେ। ବିଜୟା ଦଶମୀ ଦିନ ରୁପା ପାଲିଙ୍କିରେ ମା' ମାହେଶ୍ୱରୀ ଓ ଦୋଳ ଗୋବିନ୍ଦଙ୍କୁ ନେଇ ସହର ପରିକ୍ରମା କରାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ବାଦ୍ୟ ମାଧ୍ୟମରେ ଦଶହରା ମଣ୍ଡପକୁ ନିଆଯାଇଥିଲା। ପୂଜାଶେଷ ହେବାପରେ ମା'ଙ୍କୁ ମନ୍ଦିରକୁ ଅଣାଯାଇଥିଲା। ପ୍ରଶାସନ ତରଫରୁ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ସହକାରୀ ଜିଲାପାଳ ସୁଜିତ କୁମାର ଭୋଇ, ଦେବୋତ୍ତର ସହାୟକ ନଗେନ ରାଉତ, ତ୍ରିନାଥ ସାହୁ ଉପସ୍ଥିତ ଥିଲେ। ଭକ୍ତ ପ୍ରଧାନ, ତାପସ ସିଂ, ତ୍ରିଜୀବ ତ୍ରିପାଠୀ, ସୁଦାମ ସାହୁ, ନଳିନୀକାନ୍ତ ପାତ୍ର, ଯୁବିନ୍ ଆର୍ଯ୍ୟବ୍ରତ ଷଡ଼ଙ୍ଗୀ, ସୁବୋଧ ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲେ। ବିଧାୟକ ନଳିନୀକାନ୍ତ ପ୍ରଧାନ, ଭାଜପା ନେତା ପ୍ରକାଶ ଡାଙ୍ଗ, ଭାଜପା ଜିଲା ଉପସଭାପତି ଅର୍ଜୁନ ସାହୁ ପ୍ରମୁଖ ମା'ଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ।



# ପୂଜା ମଣ୍ଡପ ବୁଲିଲେ ବିଧାୟକ

ବଇଣ୍ଡା,୧୪।୧୦ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକର ବଇଣ୍ଡା, ଡେବେରାପାଲି ଆଦି ଅଞ୍ଚଳରେ ଦୁର୍ଗାପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ପୂଜାମଣ୍ଡପଗୁଡିକ ବୁଲି ଦେଖିଛନ୍ତି ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ। ବିଭିନ୍ନ ମଣ୍ଡପରେ ବିଧାୟକ ପହଞ୍ଚି ମା'ଙ୍କ ଦର୍ଶନ କରିବା ସହ ସେହି ଗ୍ରାମଗୁଡ଼ିକର ସମସ୍ୟା ସମ୍ପର୍କରେ ଲୋକଙ୍କୁ ପଚାରି ବୁଝିଥିଲେ। ଏପରିକି ସେମାନଙ୍କ ସମସ୍ୟାର ଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଲବ ପ୍ରଧାନ, ବିଜେଡି ନେତା ଅରୁଣ ସାହୁ, ସନ୍ତୋଷ ପ୍ରଧାନ, ଗିରୀଶ ଚନ୍ଦ୍ର ବେହେରା, ଜଳଧର ସାହୁଙ୍କ ସମେତ ବହୁ ବିଜେଡି ନେତା ସାମିଲ ହୋଇଥିଲେ।



# ରାବଣପୋଡ଼ି, ମା'ଙ୍କ ଆଞ୍ଚାଲଡୁ ନିଲାମ

ଛେଣ୍ଡିପଦା,୧୪।୧୦ (ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ଜରପଡା ଗ୍ରାମ ପରିଚାଳନା କମିଟି ତତ୍ତ୍ୱାବଧାନରେ ଜରପଡ଼ା ଦୁର୍ଗାପୂଜା କମିଟି ପକ୍ଷରୁ ହାଟପଦାଠାରେ ଦୁର୍ଗାପୂଜା ଓ ରାବଣପୋଡି ସହ ଆଞ୍ଚାଲଡୁ ନିଲାମ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ୧୫ ହଜାରରୁ ଅଧିକ ଜନସାଧାରଣଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ କଳାକାରମାନେ ଅଭିନୟ କରିବା ସହିତ ବିଭିନ୍ନ ଲୋକକଳା ବଜାର ଓ ଜରପଡା ଗ୍ରାମ ପରିକ୍ରମା କରି ମଣ୍ଡପ ନିକଟସ୍ଥ ରାବଣପୋଡି ପଡ଼ିଆରେ ପହଞ୍ଚିଥିଲେ। ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ଜରପଡା ଥାନା ଅଧିକାରୀ ନିର୍ମଳା ଗୋଚ୍ଛାୟତ, ମୁଖ୍ୟବକ୍ତା ଭାବେ ଏୟୁସିସିର




ନିର୍ଦ୍ଦେଶକ ନାରାୟଣ ସାହୁ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜରପଡା ସରପଞ୍ଚ ବିଦେଶୀ ବେହେରା, ଗ୍ରାମ୍ୟକମିଟି ସମ୍ପାଦକ ନିର୍ମଳ ପ୍ରଧାନ, ଦୁର୍ଗାପୂଜା କମିଟି ସଭାପତି କହ୍ନେଇ ସାହୁ ପ୍ରମୁଖ ଯୋଗଦେଇ ରାବଣ ପୁତ୍ତଳିକାରେ ଅଗ୍ନି ସଂଯୋଗ କରିଥିଲେ। ଏହି ଅବସରରେ ମା'ଙ୍କ ଆଞ୍ଚାଲଡ୍ଡୁ, ଆଞ୍ଚାମାଳ ଓ ଚିତା ନିଲାମ କରାଯାଇଥିଲା। ୫୪ କେଜି ୬ଶହ ଗ୍ରାମର ଆଞ୍ଚାଲଡୁ ସହିତ ମା'ଙ୍କ ସୁନାଚିତାକୁ ଜରପଡା ଗ୍ରାମର ଅରବିନ୍ଦ ସାହୁ ୪୬ ହଜାର ୩ଶହ ୧ଟଙ୍କାରେ ନିଲାମ ନେଇଥିଲେ। ପରେ ଭସାଣି ଉତ୍ସବ ଆରମ୍ଭ ହୋଇଥିଲା। ବିରାଟ ପଟୁଆରରେ ମା'ଙ୍କୁ ଜେରେଙ୍ଗ ଗ୍ରାମ ଖୋଲଛାଞ୍ଜୁଣି ନାଳରେ ବିସର୍ଜନ କରାଯାଇଥିଲା। ଗ୍ରାମ୍ୟ କମିଟି ଓ ଦୁର୍ଗାପୂଜା କମିଟି ସଦସ୍ୟ ସହଯୋଗ କରିଥିଲେ ।

## ପୋଖରୀରେ ବୁଡ଼ି ଯୁବକ ମୃତ

ପାଲଲହଡ଼ା,୧୪।୧୦ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଥାନା ଈଶ୍ୱରନଗର ପଞ୍ଚାୟତ କେରେଜେଙ୍ଗା ଗ୍ରାମର ବଳରାମ ଶୁଣ୍ଡି ଗାଁ ପୋଖରୀକୁ ନିତ୍ୟକର୍ମ ସାରିବାକୁ ଯାଇଥିବା ବେଳେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସୂଚନା ଅନୁସାରେ, ବଳରାମ ନିତ୍ୟକର୍ମ ସାରିବାକୁ ଗାଁ ପୋଖରୀକୁ ଯାଇ ବହୁ ସମୟ ଧରି ଘରକୁ ଫେରି ନ ଥିଲେ। ଘର ଲୋକେ ଏବଂ ଗ୍ରାମବାସୀ ଖୋଜାଖୋଜି କରିବାରୁ ସେ ପୋଖରୀରେ ଭାସୁଥିବା ଦେଖି ତାଙ୍କୁ ତୁରନ୍ତ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ବଳରାମଙ୍କୁ ମୃତ ଘୋଷଣା କରିଥିଲେ। ପାଲଲହଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି।

# ନାଲ୍‌କୋନଗରରେ ରାବଣପୋଡ଼ି ଉତ୍ସବ

ବଁଅରପାଳ,୧୪।୧୦ (ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋନଗର ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ବିଜୟା ଦଶମୀ ଅବସରରେ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୧ ଘଟିକାରେ ପୂଜାମଣ୍ଡପ ଠାରେ ୬ ହଜାରରୁ ଅଧିକ ଶ୍ରଦ୍ଧାଳୁ ଅନ୍ନପ୍ରସାଦ ସେବନ କରିଥିଲେ। ପରେ ମିନାବଜାର ପଡ଼ିଆଠାରେ ସନ୍ଧ୍ୟାରେ ଭଜନ ପରିବେଷଣ ସାଙ୍ଗକୁ ରାବଣ ପୋଡ଼ି ଓ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ନାଲ୍‌କୋ ଇଡି ଦାୟିତ୍ୱରେ ଥିବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀନିବାସ ସୁବ୍ରମଣ୍ୟମ ନରେଲା, ସମ୍ମାନିତ ଅତିଥି ଭାବେ ଜିଜିଏମ୍ ସିପିପି ଅମରେନ୍ଦ୍ର ମିଶ୍ର, ବରିଷ୍ଠ ସିଆଇଏସ୍‌ଏଫ୍ କମାଣ୍ଡାଣ୍ଟ ହେମନ୍ତ କୁମାର ବର୍ମା ପ୍ରମୁଖ ଯୋଗ ଦେଇ ରାବଣ ପୁତଳିକାରେ ଅଗ୍ନି ସଂଯୋଗ କରିଥଲେ। ଏହି ଉତ୍ସବ ଦେଖିବା ପାଇଁ ପାଖାପାଖିରୁ ୩୦ ହଜାରରୁ ଅଧିକ ଦର୍ଶକଙ୍କ ସମାଗମ ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ନାଲ୍‌କୋ ପୋଲିସ, ଠିକା ସୁରକ୍ଷା କର୍ମୀ ସଂସ୍ଥା, ସିଆଇଏସଏଫ ମୁତୟନ ରହିଥିଲେ। ନାଲ୍‌କୋ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ଥିଲେ।




ରାବଣ ପୋଡ଼ି ଉତ୍ସବ ଅବସରରେ ଉପସ୍ଥିତ ଅତିଥିମାନେ।

# ପଞ୍ଚାୟତସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ

ବଇଣ୍ଡା,୧୪।୧୦ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ସଞ୍ଜାମୁରା ପଞ୍ଚାୟତ ସଭାଗୃହ ପରିସରରେ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ବିନୋଦ ବିହାରୀ ବେହେରା ଯୋଗଦେଇ ୬୦୦ ଅଭିଯୋଗ ଗ୍ରହଣ କରିଥିଲେ। ପରେ ଅଭିଯୋଗଗୁଡିକୁ ବିଭିନ୍ନ ବିଭାଗକୁ ପଠାଯିବା ସହ କିଭଳି ଶୀଘ୍ର ସମାଧାନ ହେବ ସେ ନେଇ ତୁରନ୍ତ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସରକାରଙ୍କ ସମସ୍ତ ଯୋଜନା କିଭଳି ଲୋକେ ପାଇବେ ସେଥିପ୍ରତି ଧ୍ୟାନ ଦେବାକୁ କହିଥିଲେ।



ଅନ୍ୟମାନଙ୍କ ମଧ୍ୟରେ ଜିପିଓ ସତ୍ୟପ୍ରିୟ ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁପ୍ରିୟା ମହାନ୍ତି, ସରପଞ୍ଚ କମଳା ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଲୋକେ ଯୋଗଦେଇ ଅଭିଯୋଗ କରିଥିଲେ।

# ବିଦାୟ ନେଲେ ମା' ଦୁର୍ଗା

ବଁଅରପାଳ,୧୪।୧୦ (ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋନଗର ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ମା' ଦୁର୍ଗାଙ୍କ ଭସାଣି କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ସୋମବାର ସନ୍ଧ୍ୟାରେ ପାରମ୍ପରିକ ଘଣ୍ଟବାଦ୍ୟ ସହ ଶିଙ୍ଗବାଦ୍ୟରେ ନାଲ୍‌କୋନଗର ପ୍ରକମ୍ପିତ ହୋଇଥିଲା। ନାଲ୍‌କୋ କୋଅପରେଟିଭ ମାର୍କେଟ ଠାରୁ ଶୋଭାଯାତ୍ରା ଆରମ୍ଭ ହୋଇ ନାଲ୍‌କୋ ପାଣିଟାଙ୍କି, ଏସ୍‌ଭିଏମ୍ ସ୍କୁଲ, ତାରିଣୀ ମନ୍ଦିର ଛକ ଓ ପରେ ମନ୍ଦିର ଛକ ପରିକ୍ରମା କରି ନାଲ୍‌କୋ



ନିକଟସ୍ଥ ଲକ୍ଷ୍ମଣପୁର ଠାରେ ନିର୍ମିତ କୃତ୍ରିମ ପୋଖରେରେ ବିସର୍ଜନ କରାଯାଇଥିଲା। ପୂଜା କମିଟି ସଭାପତି ଶୁଭେନ୍ଦୁ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶୋଭାଯାତ୍ରାରେ ନାଲ୍‌କୋ ପୋଲିସ ଓ ସୁରକ୍ଷାକର୍ମୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

# ୧୧୦ ଅଭିଯୋଗ ଗ୍ରହଣ

ପରଜଙ୍ଗ,୧୪।୧୦(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ସଭାଗୃହ ଠାରେ ଜିଲା ପ୍ରଶାସନର ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ସୋମେଶ ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଏହି ଜନଶୁଣାଣିରେ ୧୧୦ ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ୪ଜଣଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏସ୍‌ପି ଅଭିନବ ସୋନାକର, ପିଡି ଜ୍ୟୋତି ଶଙ୍କର ସାହୁ, ଏଡିଏମ ରମେଶ ଚନ୍ଦ୍ର ସେଠୀ, ସିଡିଏମଓ ଦିଲୀପ କୁମାର ବିଶ୍ୱାଳ, ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ବିଡିଓ ସଞ୍ଜୟ କୁମାର ପଣ୍ଡାଙ୍କ ସମେତ ସମସ୍ତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ସାମିଲ ହୋଇଥିଲେ।




# ଜିଲାପାଳ ଶୁଣିଲେ ୫୨ ଅଭିଯୋଗ



ଜନ ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

ପବିତ୍ରନଗର,୧୪।୧୦(ନିରୋଜ କୁମାର ପ୍ରଧାନ)

କଣିହାଁ ବ୍ଲକରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣିହାଁ ପଞ୍ଚାୟତ ସମିତି ସଭାଗୃହଠାରେ ଆୟୋଜିତ ଏହି ଶୁଣାଣି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲାପାଳ ଅବଦ୍ଦଲ ମହମ୍ମଦ ଅଖତାର ଯୋଗଦେଇ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ମୋଟ ୫୨ଟି ଅଭିଯୋଗର ଶୁଣାଣି କରିଥିଲେ। ଅଭିଯୋଗଗୁଡ଼ିକ ମଧ୍ୟରୁ ୫ଟିର ତୁରନ୍ତ ଫଇସଲା କରିଥିଲେ। ଏଥିସହ ବାଲିପଶି ପଞ୍ଚାୟତ ପଳାଶବାହାଳୀ ଗ୍ରାମର ସିକିଲସେଲ ରୋଗୀ ରଞ୍ଜିତା ବିଶ୍ୱାଳଙ୍କୁ ଚିକିତ୍ସା ପାଇଁ ରେଡ୍‌କ୍ରସ୍‌ରୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଏସ୍‌ପି ରାହୁଲ ଜୈନ, ତାଳଚେର ଉପଜିଲାପାଳ ସମୀର ଜେନା (ଆଇଏଏସ), ଏଡିଏମ୍ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ଅନୁଗୋଳ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ସିଂହ, କଣିହାଁ ବିଡିଓ ଦେବଦତ୍ତ ପ୍ରଧାନ, ତହସିଲଦାର ଚିନ୍ମୟ ଦାସ ପ୍ରମୁଖ ଜିଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କଲେ ମନ୍ତ୍ରୀ

ପବିତ୍ରନଗର,୧୪।୧୦(ନିରୋଜ କୁମାର ପ୍ରଧାନ)

ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୋମବାର କଣିହାଁ ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କରିବା ସହିତ ବହୁ ଉନ୍ନୟନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି। ତାଙ୍କ ସହିତ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି ଓ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଗସ୍ତ ସମୟରେ ମନ୍ତ୍ରୀ ପାତ୍ର ନବନିର୍ମିତ ଏକଘରିଆ ନବୀନନଗର ବସ୍‌ଷ୍ଟାଣ୍ଡ, ସମଲ ହାଇସ୍କୁଲ ଛକ ବସ୍‌ଷ୍ଟାଣ୍ଡ, ସମଲ ବିର୍ସାମୁଣ୍ଡା କମ୍ୟୁନିଟି ସେଣ୍ଟର ଗୃହର ଶୁଭ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ସମୟରେ କଣିହାଁ ବିଡିଓ ଦେବଦତ୍ତ ପ୍ରଧାନଙ୍କ ସମେତ ସମଲ ସରପଞ୍ଚ ଜିତେନ୍ଦ୍ର ବେହେରା, ବୁରୁକୁନା ସରପଞ୍ଚ ଦୁଃଖବନ୍ଧୁ ବେହେରା, ବିରୁ ସରପଞ୍ଚ ଧରଣୀଧର ବେହେରା, କୁଲେଇ ସମିତି ସଭ୍ୟ ପ୍ରୀୟରଞ୍ଜନ ମହାନ୍ତି, ଭାଜପା ନେତ୍ରୀ ବସନ୍ତ ମଞ୍ଜୁରୀ ପ୍ରଧାନ, ମଣ୍ଡଳ ସଭାପତି ପ୍ରହ୍ଲାଦ ସାମଲ, ତ୍ରିପୁରାରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ଓ ବିଧାୟକ ପବିତ୍ରନଗର ଠାରେ ପହଞ୍ଚି ଉତ୍କଳ ମଣି ଗୋପବନ୍ଧୁ ଓ ସଂଗ୍ରାମୀ ପବିତ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ସ୍ଥାନୀୟ ଅଞ୍ଚଳର ସମସ୍ୟା ବୁଝିଥିଲେ। ବିଭିନ୍ନ ସଙ୍ଗଠନ ତରଫରୁ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।



# ନବବଧୂ ପରି ସଜେଇ ହେଉଛି ଢେଙ୍କାନାଳ ସହର


ଆନନ୍ଦ ବଜାର ପୂଜା ମଣ୍ଡପରେ ମା' ଲକ୍ଷ୍ମୀଙ୍କ ମୂର୍ତ୍ତି ତିଆରି ଚାଲିଛି।


ଢେଙ୍କାନାଳ ବସ୍‌ଷ୍ଟାଣ୍ଡ ପୂଜା ପ୍ରତିଷ୍ଠାନର ତୋରଣ।

ଢେଙ୍କାନାଳ,୧୪।୧୦(ରତନ ନାୟାର)

- ଦିନକ ପରେ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉତ୍ସବ
- ମହାବୀର ବଜାର ପୂଜା କମିଟି ପାଳିବ ହୀରକ ଜୟନ୍ତୀ
- ପଲ୍ଲିଶ୍ରୀ ମେଳାରେ ଓଡ଼ିଶା ସହ ୧୫ଟି ରାଜ୍ୟ ସାମିଲ ହେବେ

ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉତ୍ସବ ଆସନ୍ତା ୧୬ ତାରିଖ ଠାରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଢେଙ୍କାନାଳ ସହରରେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସମସ୍ତ ପୂଜା ପ୍ରତିଷ୍ଠାନରେ ବଡ଼ ବଡ଼ ସୁସଜ୍ଜିତ ତୋରଣ, ପୂଜା ମଣ୍ଡପ ସାଜସଜ୍ଜା ଓ ମା'ଙ୍କ ମୃଣ୍ମୟ ମୂର୍ତ୍ତିରେ ରଙ୍ଗ ଲାଗି ଶେଷ ସୋପାନରେ ପହଞ୍ଚିଛି। ସହର ମଧ୍ୟରେ ପୂଜା ପ୍ରତିଷ୍ଠାନଗୁଡିକ ପକ୍ଷରୁ ରଙ୍ଗିନ ଆଲୋକର ସାଜସଜ୍ଜା ଆରମ୍ଭ ହୋଇସାରିଲାଣି। କହିବାକୁ ଗଲେ ଲକ୍ଷ୍ମୀପୂଜା ମହୋତ୍ସବ ପାଇଁ ଢେଙ୍କାନାଳ ସହ ନବବଧୂ ପରି ସଜେଇ ହେଉଛି।

୧୬ ତାରିଖ ରାତିରେ କୁମାର ପୂର୍ଣ୍ଣିମା ଅବସରରେ ସମସ୍ତ ପୂଜା ମଣ୍ଡପରେ ମା'ଙ୍କ ପୂଜା ଅନୁଷ୍ଠିତ ହେବ। ଚଳିତବର୍ଷ ଢେଙ୍କାନାଳ ସହରରେ ମୀନବଜାର, ଲକ୍ଷ୍ମୀବଜାର, ଗଣେଶ ବଜାର, କୈବଲ୍ୟ ବଜାର ଓ ଗୁଡିଆନାଳୀ ପୂଜା ପ୍ରତିଷ୍ଠାନ ପକ୍ଷରୁ ଚାନ୍ଦିମେଢ ଅନୁଷ୍ଠିତ ହେବ। ପ୍ରଥମଥର ପାଇଁ ଦେଉଳସାହି ପୂଜା ପ୍ରତିଷ୍ଠାନ ପକ୍ଷରୁ ଚଳିତବର୍ଷ ଚାନ୍ଦିମେଢ କରାଯିବ। ସହରର ପ୍ରମୁଖ ପୂଜା ପ୍ରତିଷ୍ଠାନ ମହାବୀର ବଜାର ପୂଜା କମିଟି ପକ୍ଷରୁ ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ହୀରକ ଜୟନ୍ତୀ ଉତ୍ସବ ପାଳନ କରାଯିବ। ମହାବୀର ବଜାର ପୂଜା ପ୍ରତିଷ୍ଠାନରେ ଚଳିତବର୍ଷ ସ୍ୱର୍ଣ୍ଣ ମନ୍ଦିର ସଦୃଶ ତୋରଣ ଓ ପୂଜା ମଣ୍ଡପରେ ନୀଳାଦ୍ରି ବିଜେ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ମା' ମହାଲକ୍ଷ୍ମୀଙ୍କୁ ରସଗୋଲା ଖୁଆଇ ମାନଭଞ୍ଜନ କରୁଥିବା ଦୃଶ୍ୟ ପ୍ରଦର୍ଶିତ ହେବ। ସେହିପରି ଅଧିକାଂଶ ପୂଜା ପ୍ରତିଷ୍ଠାନରେ ଐତିହ୍ୟ, ପୌରାଣିକ, ସାମାଜିକ କଥାବସ୍ତୁକୁ ନେଇ ମା'ଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମିତ ହେବ। ଚଳିତବର୍ଷ ସ୍ୱଚ୍ଛତା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ପୁରସ୍କାର ମଧ୍ୟ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଗଣେଶ ବଜାର, ଲକ୍ଷ୍ମୀବଜାର ଓ ବସ୍‌ଷ୍ଟାଣ୍ଡ ପୂଜା ପ୍ରତିଷ୍ଠାନ ପକ୍ଷରୁ ବିଶାଳକାୟ ତୋରଣ ନିର୍ମାଣ ଜାରି ରହିଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉତ୍ସବ ପାଇଁ ସହରର ପୂଜା କମିଟି କର୍ମକର୍ତ୍ତାମାନେ ଏକାକାର ହୋଇପଡିଛନ୍ତି। ୮୨ ବର୍ଷର ଏହି ଲକ୍ଷ୍ମୀପୂଜା ଉତ୍ସବରେ ଜିଲାର ପ୍ରାଚୀନ, କଳାକୃତି ଓ ଐତିହ୍ୟର ସ୍ୱତନ୍ତ୍ର ନିଦର୍ଶନ ଦେଖିବାକୁ ମିଳିବ। ୧୯୪୨ ମସିହା ଓ ଏହାର ପରବର୍ତ୍ତୀ ବର୍ଷଠାରୁ ଚାଳଛପର ପୂଜା ମଣ୍ଡପ ଓ ପେଟ୍ରୋମାକ୍ସ ଲାଇଟରୁ ଆରମ୍ଭ ହୋଇଥିବା ଏହି ପୂଜା ବର୍ତ୍ତମାନ କଂକ୍ରିଟ ମଣ୍ଡପ ସାଙ୍ଗକୁ ରଙ୍ଗିନ ଆଲୋକମାଳାରେ ଆଧୁନିକ ଯୁଗସହ ତାଳଦେଇ ଆଗେଇ ଚାଲିଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯିବ। ସେହିପରି ଲକ୍ଷ୍ମୀପୂଜା ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ୧୭ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ମହିଷାପାଟ ପଡିଆଠାରେ ପଞ୍ଚାୟତିରାଜ, ପାନୀୟଜଳ ବିଭାଗ ଏବଂ ଓରମାସ ସହଯୋଗରେ ପଲ୍ଲିଶ୍ରୀ ମେଳା ଆୟୋଜିତ ହେବ। ଏଥିରେ ଓଡ଼ିଶାର ୩୦ଟି ଜିଲା ସମେତ ୧୫ଟି ରାଜ୍ୟର ହସ୍ତଶିଳ୍ପ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶିତ ହେବ। ଚଳିତବର୍ଷ ୨୫୦ଟି ଷ୍ଟଲ ହେବ ବୋଲି ଜଣାପଡିଛି।

### ବ୍ୟାପକ ଉତ୍ସାହ ଦେଖାଦେଇଛି



ଚଳିତବର୍ଷ ମହାବୀର ବଜାର ପୂଜା କମିଟି ୭୫ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ହୀରକ ଜୟନ୍ତୀ ପାଳନ କରିବ। ଏଥିପାଇଁ ସମସ୍ତ କର୍ମକର୍ତ୍ତା ଓ ଅଞ୍ଚଳବାସୀଙ୍କ ମଧ୍ୟରେ ବ୍ୟାପକ ଉତ୍ସାହ ଦେଖାଦେଇଛି। ପ୍ରାୟ ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ସ୍ୱର୍ଣ୍ଣମନ୍ଦିର ସଦୃଶ ତୋରଣ ସାଙ୍ଗକୁ ନୀଳାଦ୍ରି ବିଜେ ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ମା' ଲକ୍ଷ୍ମୀଙ୍କ ମାନଭଞ୍ଜନ କରୁଥିବା ଦୃଶ୍ୟ ପୂଜା ମଣ୍ଡପରେ ସାଜସଜ୍ଜା କରାଯାଉଛି। ସେହିପରି ଭାରତର ବିଭିନ୍ନ ରାଜ୍ୟ ସାଙ୍ଗକୁ ଓଡ଼ିଶାର ଲୋକକଳା ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନ ପାଇଛି।

– ଜ୍ଞାନେନ୍ଦ୍ର ବେହେରା, ସମ୍ପାଦକ, ମହାବୀର ବଜାର ପୂଜା କମିଟି, ଢେଙ୍କାନାଳ

### ବିଭିନ୍ନ ସମ୍ପ୍ରଦାୟ ସହଯୋଗ କରନ୍ତି

ଢେଙ୍କାନାଳ କଳା, ସଂସ୍କୃତି, ଐତିହ୍ୟ ଓ ଭାଇଚାରାର ସହର। ଏଠାରେ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଏକ ଗଣପର୍ବ। ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ୮୨ବର୍ଷ ହେବ ଢେଙ୍କାନାଳ ସହରରେ ଲକ୍ଷ୍ମୀପୂଜା ପାଳନ ହୋଇଆସୁଛି। ବିଭିନ୍ନ ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ଏଠାରେ ପୂଜା ଆୟୋଜନର ନେତୃତ୍ୱ ନେବା ସହିତ ସହଯୋଗ ମଧ୍ୟ କରନ୍ତି।



– ମହମ୍ମଦ ସାଗିର, ସମ୍ପାଦକ, କାଞ୍ଚନ ବଜାର ପୂଜା କମିଟି

### ଚଳିତବର୍ଷ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦିଆଯାଇଛି



ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉତ୍ସବ ଚଳିତବର୍ଷ ମହାସମାରୋହରେ ପାଳିତ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଆସୁଛି। ଚଳିତବର୍ଷ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦିଆଯାଇଛି। ଏଥିପାଇଁ ପୁରସ୍କାର ବ୍ୟବସ୍ଥା ରହିଛି। ମିଳିତବଜାର ପୂଜା କମିଟି, ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ମିଳିତ ସହଯୋଗରେ ଚଳିତବର୍ଷ ଶୃଙ୍ଖଳାର ସହ ପୂଜା ଅନୁଷ୍ଠିତ ହେବ।

– ରାମଚନ୍ଦ୍ର ପାତ୍ର, ସଭାପତି, ମିଳିତବଜାର ଲକ୍ଷ୍ମୀପୂଜା କମିଟି, ଢେଙ୍କାନାଳ

# ସଂସ୍କୃତି, ପରମ୍ପରା ବଜାୟ ରଖିବାକୁ ଆହ୍ୱାନ

ଢେଙ୍କାନାଳ,୧୪।୧୦(ରତନ ନାୟାର)

**ରାବଣ ପୋଡ଼ି ମହୋତ୍ସବ**

ଢେଙ୍କାନାଳ ମିନି ଷ୍ଟାଡିୟମ ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରୟାସ ପକ୍ଷରୁ ତ୍ରିଂଶତମ ରାବଣ ପୋଡ଼ି ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ କହିଲେ, ମାତୃଶକ୍ତିର ସବୁବେଳେ ବିଜୟ ହୋଇଛି। ଅନ୍ୟାୟ ଉପରେ ନ୍ୟାୟର ବିଜୟ ହୋଇଛି। ଢେଙ୍କାନାଳର ପ୍ରସିଦ୍ଧ ମା' ଲକ୍ଷ୍ମୀଙ୍କ ପୂଜା ସାରା ଦେଶରେ ନିଆରା। ତେଣୁ ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସମସ୍ତେ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶ୍ୱ ହିନ୍ଦୁ ପରିଷଦର କେନ୍ଦ୍ରୀୟ ମାର୍ଗଦର୍ଶକ ମଣ୍ଡଳୀ ସଦସ୍ୟ ସ୍ୱାମୀ ଜୀବନ ମୁକ୍ତାନନ୍ଦ ଜୀ ଯୋଗଦେଇ, ସନାତନ ଧର୍ମକୁ ସୁରକ୍ଷିତ ରଖିବାକୁ ହେବ। ରାବଣରୂପୀ ଅନ୍ୟାୟକାରୀଙ୍କୁ ଦମନ କରିବାକୁ ଆହ୍ୱାନ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ, ପ୍ରୟାସ ପକ୍ଷରୁ ଆୟୋଜିତ ଏହି ଉତ୍ସବ ଅଧର୍ମ ଉପରେ ଧର୍ମର ବିଜୟ। ଅନ୍ଧାର ଉପରେ ଆଲୋକର ବିଜୟ। ପିଲାମାନଙ୍କୁ ସଂସ୍କାର ଦେବା ଦରକାର। ଘରେ ଘରେ ରାମ, କୃଷ୍ଣ ପରି ଚରିତ୍ରବାନ ପିଲା ଗଢିବାକୁ ମାତୃଶକ୍ତିଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଢେଙ୍କାନାଳ ପୌର ଅଧ୍ୟକ୍ଷା ଜୟନ୍ତୀ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରୟାସ ଅନୁଷ୍ଠାନ ସଭାପତି ରଘୁନାଥ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ସତ୍ୟ ନାରାୟଣ କର କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ରାବଣ ପୋଡି ଉତ୍ସବ ପାଇଁ ଅତିଥିମାନେ ଅଗ୍ନି ସଂଯୋଗ କରିଥିଲେ। ପରେ ଆତସବାଜି କାର୍ଯ୍ୟକ୍ରମ ହୋଇଥିଲା। ଏହି ଉତ୍ସବ ଦେଖିବାକୁ ବହୁ ସଂଖ୍ୟାରେ ଜନ ସମାଗମ ଦେଖିବାକୁ ମିଳିଥିଲା।


ଆୟୋଜିତ ରାବଣ ପୋଡ଼ି ମହୋତ୍ସବରେ ଉପସ୍ଥିତ ଅତଥିବୃନ୍ଦ।

# ଜଙ୍ଗଲ ମଝିରୁ ଶାଳ କାଠ ଜବତ

ଭୁବନ ୧୪।୧୦(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବନବିଭାଗ ପକ୍ଷରୁ ଶନିବାର ନୂଆ କୁମର୍ଦା ଗ୍ରାମରୁ ୯ଟି ଶାଳ ଲଗ୍ ଜବତ କରାଯାଇଛି। ବିଶେଷ ସୂତ୍ରରୁ ଖବରପାଇ ଭୁବନ ଫରେଷ୍ଟର କଳ୍ପନା ବେହେରା ଓ ହାତୀ ସ୍କ୍ୱାଡ୍ କର୍ମଚାରୀ ଏହି ଚଢ଼ାଉ କରିଥିଲେ। ନୂଆ କୁମର୍ଦା ଗ୍ରାମ ସଂରକ୍ଷିତ ଜଙ୍ଗଲ ମଝିରେ କଟା ହୋଇଥିବା ଶାଳକାଠକୁ ଜବତ କରି ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଥିଲା।

# ଭିକାରୀ ବଳ ସମ୍ମାନ ପାଇବେ ଶରତ ନାୟକ

ଢେଙ୍କାନାଳ,୧୪।୧୦(ରତନ ନାୟାର)

**୧୬ରୁ ୩୯ତମ ନଟରାଜ କୁମାରୋତ୍ସବ**

ଢେଙ୍କାନାଳର ପ୍ରମୁଖ ସାଂସ୍କୃତିକ ଅନୁଷ୍ଠାନ ନଟରାଜ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ୩୯ତମ ନଟରାଜ କୁମାରୋତ୍ସବ ସହରସ୍ଥିତ ମିନି ଷ୍ଟାଡିୟମଠାରେ ଆସନ୍ତା ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିନିମନ୍ତେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଉପଲକ୍ଷେ ଚଳିତବର୍ଷ ଅନୁଷ୍ଠାନ ପକ୍ଷରୁ ଭଜନ ସମ୍ରାଟ ଭିକାରୀ ବଳ ସମ୍ମାନ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଶରତ ନାୟକଙ୍କୁ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଢେଙ୍କାନାଳ ଗୌରବ ସମ୍ମାନ ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ପ୍ରଦାନ କରାଯିବ। ଭରତମୁନି ନାଟ୍ୟ ସମ୍ମାନରେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ମନୋଜ କୁମାର ପଟ୍ଟନାୟକ ଓ ନୃତ୍ୟ ସମ୍ମାନରେ ବରିଷ୍ଠ ଓଡ଼ିଶୀ ନୃତ୍ୟଶିଳ୍ପୀ ବିଚିତ୍ରାନନ୍ଦ ସ୍ୱାଇଁ ସମ୍ବର୍ଦ୍ଧିତ ହେବେ। ସେହିପରି ନଟରାଜ ସମ୍ମାନରେ ଅକ୍ଷୟ କୁମାର ନାୟକ ଓ ସୁଚିତ୍ରେ ମହାନ୍ତି ସମ୍ବର୍ଦ୍ଧିତ ହେବେ। ଡ. ଗୋପୀନାଥ ନନ୍ଦ ସ୍ମୃତି ସମ୍ମାନରେ ସୁଶ୍ରୀ ସୃଷ୍ଟି ସ୍ୱରୂପା ମିଶ୍ର, ଭାସ୍କରଚନ୍ଦ୍ର କୁଅଁର ସ୍ମୃତି ସମ୍ମାନରେ ଅମିତ ମହାପାତ୍ର, ଗୁରୁ ଗଙ୍ଗାଧର ପ୍ରଧାନ ସ୍ମୃତି ସମ୍ମାନରେ ଅସିତ ମହାପାତ୍ର ଓ ସୁଶ୍ରୀ ଆଦିତିକ୍ରିଷ୍ଣା ପଣ୍ଡା, କଳ୍ପନା ଦାଶ ସ୍ମୃତି ସମ୍ମାନରେ ସୁଶ୍ରୀ ସାଇ ଅଂଶିକା ପ୍ରିୟଦର୍ଶିନୀ ଓ ଦେବର୍ଷି ନାରଦ ସମ୍ମାନରେ ବରିଷ୍ଠ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଅନୁଗୋଳ, ଭୁବନେଶ୍ୱର ଓ ଢେଙ୍କାନାଳର ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ନଟରାଜ ସଙ୍ଗୀତ ମହାବିଦ୍ୟାଳୟ ସଭାପତି କୃଷ୍ଣ କୁମାର ମିଶ୍ର ସୂଚନା ଦେଇଛନ୍ତି।

# ଭୁବନରେ ଐତିହାସିକ ବଳଦଯାତ୍ରା ଅନୁକୂଳ

ଭୁବନ, ୧୪।୧୦
(ବିପିନ ବିହାରୀ ସେଠୀ)


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଢେଙ୍କାନାଳ ଜିଲା ଭୁବନରେ ଚଳିତବର୍ଷ ଐତିହାସିକ ଳଦଯାତ୍ରା ରବିବାର ଅନୁକୂଳ ହୋଇଛି। ଏହି ଯାତ୍ରାକୁ ଶାନ୍ତିକମିଟି ତଥା ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଆରମ୍ଭ କରାଯାଇଥିଲା। ଭୁବନ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଯାତ୍ରା କମିଟି ସଭାଭାପତି ଦିଲୀପ ଦାସ, ସମ୍ମାନିତ ଅତିଥି ଭାବେ ଭୁବନ ଥାନା ଅଧିକାରୀ ମନୋସ୍ୱିନୀ ମହାପାତ୍ର, ବରିଷ୍ଠ କର୍ମକର୍ତ୍ତା ସମୀର କୁମାର ସାହୁ, ନିରଞ୍ଜନ ପୃଷ୍ଟି , କୁଞ୍ଜ ବିହାରୀ ଚିନରା, ରାମଚନ୍ଦ୍ର ନାୟକ, ସନାତନ ପାତ୍ର, ଭଗବାନ ଗୁରୁ, ସୁରେନ୍ଦ୍ର ପୃଷ୍ଟିଙ୍କ ସମେତ ସମସ୍ତ ଶାନ୍ତି କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରଥମେ ବଣିଆ ଓ କାଚରା ସମାଜର ବଳଦଙ୍କୁ ଜଗନ୍ନାଥ ମନ୍ଦିରକୁ ଅଣାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମାକୁ ନେଇ ଅନୁକୂଳ ଯାତ୍ରା ଆରମ୍ଭ ହୋଇଥିଲା। ଥୋରିଆ, ବଣିଆ ଓ କାଚରା ସମ୍ପ୍ରଦାୟର ଲୋକମାନେ ଅନୁକୂଳ ଯାତ୍ରା ଆରମ୍ଭ କରି ସହର ପରିକ୍ରମା କରିଥିଲେ। ଗୁଜୁରୀ ହାଟ ଠାରେ ଗ୍ରାମର ବିଭିନ୍ନ ଅଞ୍ଚଳର ୩୩ଟି ବଳଦ ଯାତ୍ରାରେ ସାମିଲ ହୋଇଥିଲେ। ଏହି ବଳଦ ଯାତ୍ରା ଦେଖିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଲୋକେ ଆସିଥିବା ବେଳେ ଘରେ ବନ୍ଧୁବାନ୍ଧବଙ୍କ ଭିଡ଼ ଲାଗିଛି। ସେହିପରି ସୋମବାର ଭସାଣି ଯାତ୍ରା ଆରମ୍ଭ ହୋଇଥିଲା। ବଳଦ, ଦୁର୍ଗା ଓ ହରପାରବତୀ ମେଢ଼ ଗ୍ରାମ ପରିକ୍ରମା ପୂର୍ବରୁ ସନ୍ଧ୍ୟା ସମୟରେ ପାଲାମଣ୍ଡପ ଠାରେ ରାଣପୋଡି ଅନୁଷ୍ଠିତ ହୋଇଥିଲା। ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ନଗରପାଳ, ବଳଦଯାତ୍ରା କମିଟି ସଭାପତି, ମହିଳା ନେତ୍ରୀ ସାଗରିକା ମିଶ୍ର ଯୋଗଦେଇଥିଲେ। ପରେ ପରେ ସମସ୍ତ ବଳଦ ସୁସଜ୍ଜିତ ବେଶରେ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ୯ମ ସପ୍ତଶଯ୍ୟା ମହୋତ୍ସବ

ଢେଙ୍କାନାଳ,୧୪।୧୦(ରତନ ନାୟାର)


ମୟୂର ଅନୁଷ୍ଠାନ ପକ୍ଷରୁ ୯ମ ସପ୍ତଶଯ୍ୟା ମହୋତ୍ସବରେ ସମ୍ମାନିତ କରାଯାଉଛି।

ଢେଙ୍କାନାଳ ମୟୂର ଅନୁଷ୍ଠାନ ପକ୍ଷରୁ ରବିବାର ସ୍ଥାନୀୟ ଗୋପବନ୍ଧୁ ଟାଉନ ହଲଠାରେ ୯ମ ସପ୍ତଶଯ୍ୟା ମହୋତ୍ସବ ଓ ଅନୁଷ୍ଠାନର ୨୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସମୀର ସାହୁ କହିଲେ, ନୃତ୍ୟ କେବଳ ମନୋରଞ୍ଜନର ବ୍ୟବସ୍ଥା ନୁହେଁ, ବରଂ ଏହା ସମାଜର ଉନ୍ନତିକଳ୍ପେ ଏକ ଆବଶ୍ୟକ ଉପଦେଶ। ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ସଦସ୍ୟା ମମତାଞ୍ଜଳି ବେହେରା ଯୋଗଦେଇ ନୃତ୍ୟ, ସଙ୍ଗୀତ ଜୀବନର ମାନଦଣ୍ଡକୁ ଉଦୀପ୍ତ କରିଥାଏ ବୋଲି କହିଥିଲେ। ଶିଳ୍ପୀ ପରେଶ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଉତ୍କଳ ଆଜବେଷ୍ଟସ କାରଖାନାର ଅର୍ଥ ପରିଚାଳକ ରବୀନ୍ଦ୍ର ଜୟସୂର୍ଯ୍ୟା ଓ ଡ. ପ୍ରମୋଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ନୃତ୍ୟଗୁରୁ ସୁବାସଚନ୍ଦ୍ର ସ୍ୱାଇଁଙ୍କୁ ମୟୂର ନୃତ୍ୟ ସମ୍ମାନ ଓ ହିମାଂଶୁ ଶେଖର ବ୍ରହ୍ମାଙ୍କୁ ମୟୂର ସଙ୍ଗୀତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ବନମାଳୀ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କୈଳାସଚନ୍ଦ୍ର ବେହେରା, ସୁକାନ୍ତ ମଲ୍ଲିକ, ନୃସିଂହ ଚରଣ ସ୍ୱାଇଁ, ପ୍ରଶନ୍ନ କୁମାର ବିଶ୍ୱାଳ ଓ ବିବେକାନନ୍ଦ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଶିକ୍ଷାନୁଷ୍ଠାନ ପରିସରରେ ଥିବା ବସ୍ ଜଳିଗଲା

ଢେଙ୍କାନାଳ,୧୪।୧୦(ରତନ ନାୟାର)

ଢେଙ୍କାନାଳ ସହର ଦେଉଳସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିକ୍ଷାନୁଷ୍ଠାନ ପରିସରରେ ରବିବାର ବିଳମ୍ବିତ ରାତିରେ ଏକ ବସ୍ ହଠାତ୍ ଜଳି ଯାଇଥିଲା। ଏହା ନିକଟରେ ଥିବା ଆଉ ଗୋଟିଏ ବସ୍ ମଧ୍ୟ ଆଂଶିକ ଭାବେ ଜଳିଯାଇଛି। ଖବରପାଇ ଢେଙ୍କାନାଳ ଅଗ୍ନିଶମ ସେବା ସଂସ୍ଥା ଏବଂ ସ୍ଥାନୀୟ ଅଞ୍ଚଳର ଯୁବକମାନେ ନିଆଁକୁ ଆୟତ୍ତ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ କରିଛି। ବସ୍‌ଟିରେ ନିଆଁ ଲାଗିବାର କାରଣ ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି। ଏ ସଂକ୍ରାନ୍ତରେ ବିଦ୍ୟାଳୟ ପକ୍ଷରୁ ଟାଉନ ଥାନାରେ ଏକ ଅଭିଯୋଗ ହୋଇଛି ବୋଲି ପ୍ରଧାନ ଆଚାର୍ଯ୍ୟ ନଗେନ କୁମାର ଦାସ ଜଣାଇଛନ୍ତି।




# ଉପଯୁକ୍ତ ପୋଷଣ ସବୁଠୁ ବଡ଼ ଦାୟିତ୍ୱ

ଢେଙ୍କାନାଳ,୧୪।୧୦(ରତନ ନାୟାର)

**ଶିଶୁକନ୍ୟା ଶୁଭ କଲ୍ୟାଣ ସମାରୋହ ଉଦ୍‌ଘାଟିତ**


ଏମ୍‌ପି ରୁଦ୍ର ନାରାୟଣ ପାଣି, ବିକାଶ ଫାଉଣ୍ଡେଶନ ଅଧ୍ୟକ୍ଷା ମୃଦଳା ଟି. ପ୍ରଧାନ ଶିଶୁ କନ୍ୟାମାନଙ୍କୁ ଶୁଭକାମନା ଜଣାଉଛନ୍ତି।

ଦଶହରା ଅବସରରେ ଢେଙ୍କାନାଳ ଜିଲାରେ ଜନ୍ମିତ କନ୍ୟା ରତ୍ନମାନଙ୍କୁ ବିକାଶ ଫାଉଣ୍ଡେଶନ ପକ୍ଷରୁ ସମ୍ମାନ କାର୍ଯ୍ୟକ୍ରମ ରବିବାର ଅପରାହ୍ଣରେ ଅନୁଷ୍ଠିତ ହୋଇଥିଲା। ଏହି ଶିଶୁକନ୍ୟା ଶୁଭ କଲ୍ୟାଣ ସମାରୋହକୁ ଉଦଘାଟନ କରି ଏମ୍‌ପି ରୁଦ୍ର ନାରାୟଣ ପାଣି ଓ ଫାଉଣ୍ଡେଶନ ଟ୍ରଷ୍ଟ ଅଧ୍ୟକ୍ଷା ମୃଦଳା ଟି. ପ୍ରଧାନ କହିଲେ, ଜୀବନରେ ଶିଶୁ କନ୍ୟା ସବୁଠାରୁ ବଡ ରତ୍ନ। ସେମାନଙ୍କ ଠିକ୍ ସ୍ୱାସ୍ଥ୍ୟ, ଉପଯୁକ୍ତ ପୋଷଣ ସହ ଯତ୍ନ ନେବା ସବୁଠୁ ବଡ଼ ଦାୟିତ୍ୱ ହେବା ଦରକାର। ଏହାହେଲେ ଦେଶର ବିକାଶ ହେବ। ଏଥିପାଇଁ ସାମାଜିକ ସଚେତନତାର ଆବଶ୍ୟକତା ରହିଛି। ଯେତେବେଳେ ଘରେ କନ୍ୟା ସନ୍ତାନଟିଏ ଜନ୍ମନିଏ, ସେତେବେଳେ ଘର ସ୍ୱର୍ଗ ପାଲଟି ଯାଇଥାଏ। ସେମାନଙ୍କୁ ସ୍ନେହ ଓ ଶ୍ରଦ୍ଧା କରାଯିବା ଦରକାର। ବୟସ ଅନୁସାରେ ଠିକ୍ ଲାଳନ ପାଳନ ଏବଂ ସ୍ୱାସ୍ଥ୍ୟର ଯତ୍ନ ନେବା ସହ ଭିଟାମିନଯୁକ୍ତ ଖାଦ୍ୟ ଦେବା ଦରକାର। ଏହି ଜନ ସଚେତନତା ଲକ୍ଷ୍ୟରେ ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କଳ୍ପନାରେ ବିକାଶ ଫାଉଣ୍ଡେଶନ ପକ୍ଷରୁ ଏପରି ଅଭିନବ କାର୍ଯ୍ୟକ୍ରମ ହେଉଛି। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ, ଜିଲା ସମାଜ ମଙ୍ଗଳ ଅଧିକାରୀ ମିତା ଶର୍ମା, ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ ଓ ଫାଉଣ୍ଡେଶନର ରାଜ୍ୟ ସଂଯୋଜକ ରବି ନାରାୟଣ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ନବରାତ୍ରୀ ସମୟରେ ଜନ୍ମଲାଭ କରିଥିବା ନବଜାତ ଶିଶୁକନ୍ୟାମାନଙ୍କୁ ଏମ୍‌ପି ରୁଦ୍ର ନାରାୟଣ ପାଣି ଓ ଫାଉଣ୍ଡେଶନ ଅଧ୍ୟକ୍ଷା ଶୁଭ କାମନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ନରେଶଚନ୍ଦ୍ର ମହାପାତ୍ର, ବିଶିଷ୍ଟ ସମାଜସେବୀ ରାମଚନ୍ଦ୍ର ପାତ୍ର, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ପୌରାଧ୍ୟକ୍ଷ ସୁନୀଲ ଶର୍ମା, ଭାଜପା ମିଡିଆ ପ୍ରଭାରୀ ନବକିଶୋର ଗୁରୁ, ଜିଲା ଉପସଭାପତି ମାତୃପ୍ରସାଦ ନନ୍ଦ, ଶିବ ପ୍ରସାଦ ସାହୁ, ଭାରତୀ ସ୍ୱାଇଁ, ସୁରେଶ ପାଣିଗ୍ରାହୀ, ଅକ୍ଷୟ କୁମାର ମହାନ୍ତି, ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ଦୀପକ ପ୍ରସାଦ ପଟ୍ଟନାୟକ, ରମେଶ ଚନ୍ଦ୍ର ସାମଲ, ପଦ୍ମଭୂଷଣ ସାହୁ, ନିରଞ୍ଜନ ଦାସ, ରମ୍ୟ ରଞ୍ଜନ ମହାପାତ୍ର ଓ ସତ୍ୟ ରଞ୍ଜନ ଭୂୟାଁଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ସତ୍ୟ ନାରାୟଣ କର ଧନ୍ୟବାଦ ପ୍ରଦାନ କରିଥିଲେ।

# ସୁରକ୍ଷା ପାଇଁ ପ୍ରଶାସନର ଦ୍ୱାରସ୍ଥ ହେଲେ ମହିମା ସନ୍ନ୍ୟାସୀ

**ନ୍ୟାୟାଳୟର ରାୟ ପାଳନ ପାଇଁ ସହଯୋଗ ନିମନ୍ତେ ନିବେଦନ**

ଢେଙ୍କାନାଳ,୧୪।୧୦(ରତନ ନାୟାର)

ଏକ ଦେୱାନୀ ମାମଲାରେ ବିଶ୍ୱ ପ୍ରସିଦ୍ଧ ମହିମାଗାଦି ଯୋରନ୍ଦାସ୍ଥିତ କୌପୀନଧାରୀ ମହିମା ସମାଜର ସନ୍ନ୍ୟାସୀମାନେ ସେମାନଙ୍କ ସେବା ପୂଜା ଓ ନୀତିକାନ୍ତି ନିର୍ବିଘ୍ନରେ ମହିମାଗାଦି ମନ୍ଦିରରେ ସମ୍ପନ୍ନ କରିପାରିବେ ବୋଲି ଅଦାଲତଙ୍କ ରାୟରେ ଦର୍ଶାଯାଇଛି। ରାୟର ନକଲ ପାଇବା ପରେ କୌପୀନଧାରୀ ମହିମା ସମାଜ ପକ୍ଷରୁ ଏହାର ଅନୁପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହାକୁ ନେଇ କୌଣସି ଅଘଟଣ ଘଟିବାର ସମ୍ଭାବନାକୁ ଆଶଙ୍କା କରି କୌପୀନଧାରୀ ମହିମା ସମାଜର ଧର୍ମାଧ୍ୟକ୍ଷ ଶ୍ରୀମଦ ରଘୁନାଥ ବାବା କେତେଜଣ ବରିଷ୍ଠ ସନ୍ନ୍ୟାସୀଙ୍କ ସହିତ ସୋମବାର ପ୍ରଶାସନର ଦ୍ୱାରସ୍ଥ ହୋଇ ନ୍ୟାୟାଳୟର ଆଦେଶକୁ ଅନୁପାଳନ ଦିଗରେ ପ୍ରଶାସନ ଯଥାବିଧି ସୁରକ୍ଷା ଦେବା ପାଇଁ ନିବେଦନ କରିଛନ୍ତି। ଏଥିସହିତ କୌପୀନଧାରୀ ମହିମା ସମାଜର ଧର୍ମାଧ୍ୟକ୍ଷ ଶ୍ରୀମଦ ରଘୁନାଥ ବାବା, ଆସାମ ରାଜ୍ୟ ସଭାପତି ଆଦିକନ୍ଦ ବାବା, ସହ କୋଷାଧ୍ୟକ୍ଷ ସଞ୍ଜୟ ବାବା, ଭକ୍ତ ସାରଙ୍ଗଧର ରାଉତ ଓ ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ ପ୍ରମୁଖ ସୋମବାର ପୂର୍ବାହ୍ନ ୧୧ଟାରେ ଢେଙ୍କାନାଳ ଠାରେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଆବାସିକ କାର୍ଯ୍ୟାଳୟରେ ଭେଟି ସମସ୍ତ ବିଷୟ ଅବଗତ କରାଇବା ସହିତ ତାଙ୍କର ହସ୍ତକ୍ଷେପ ଲୋଡିଥିଲେ। କୌପୀନଧାରୀ ସମାଜକୁ ନ୍ୟାୟ ପ୍ରଦାନ ପାଇଁ ଅନୁରୋଧ କରିଥିଲେ।


କୌପୀନଧାରୀ ସମାଜର ସନ୍ନ୍ୟାସୀମାନେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

